# ମୋ ପାଠାଗାର, ମୋ ଅଧିକାର

## ଓଡ଼ିଶାରେ ପାଠାଗାର ଆନ୍ଦୋଳନର ଆବଶ୍ୟକତା

ଶ୍ରୀ ନିରଞ୍ଜନ ମହାପାତ୍ର

ଦାଶିଆ ଅଜା ଭାବରେ ଜଣାଶୁଣା ସ୍ୱର୍ଗତ ଦାଶରଥୀ ପଟ୍ଟନାୟକ ଓଡ଼ିଶାର ପାଠାଗାର ଆନ୍ଦୋଳନର ଅଗ୍ରଦୂତ ଥିଲେ । ସେ ପ୍ରଥମେ ତାଙ୍କ ଟ୍ରଙ୍କରେ ମାତ୍ର ପାଞ୍ଚଟି ପୁସ୍ତକ ରଖି ଓଡ଼ିଶାରେ ପାଠାଗାର ଆନ୍ଦୋଳନର ଶୁଭାରମ୍ଭ କରିଥିଲେ । ଯେତେବେଳେ ତାଙ୍କୁ ପଚାଶ ବର୍ଷ ହୋଇଥିଲା ସେତେବେଳେ ସେ ନିଜ ଘର ଦାୟିତ୍ୱକୁ ତାଙ୍କ ପତ୍ନୀ ଏବଂ ମା'ଙ୍କ ଠାରେ ସମର୍ପଣ କରି, ବିଭିଓ, ପୁସ୍ତକ, ପତ୍ରିକା, ପୁରାତନ ସାମଗ୍ରୀ ଏବଂ ଅନ୍ୟାନ୍ୟ ସଂଗ୍ରହକାରୀ ଜିନିଷର ସନ୍ଧାନରେ ସାରା ଓଡ଼ିଶା ଭ୍ରମଣ କରିଥିଲେ । ୧୯୫୯ ମସିହାରେ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ବାଣୀନିଧି ପାଠାଗାର ଏବଂ ୧୯୭୩ ମସିହାରେ ଶ୍ରୀ ଅରବିନ୍ଦ ସଂଗ୍ରହାଳୟରେ ବର୍ତ୍ତମାନ ଦେଢ଼ ଲକ୍ଷରୁ ଅଧିକ ପୁସ୍ତକ ଏବଂ ପତ୍ରିକା, ତାଳପତ୍ର ଲିପି, ପାଣ୍ଡୁଲିପି, ଚିତ୍ର ଏବଂ ଅନ୍ୟାନ୍ୟ ଅନୁସନ୍ଧାନ ସାମଗ୍ରୀମାନ ରହିଛି କେବଳ ଦାସିଆ ଅଜା କାହିଁକି ? ପ୍ରତ୍ୟକ ନାଗରିକମାନଙ୍କର ପାଠାଗାର ବ୍ୟବହାର କରିବାର ଅଧିକାର ରହିଛି ଏବଂ ପାଠାଗାରର ଆବଶ୍ୟକତା ବିଷୟରେ ଅବଗତ ହେବାର ସମୟ ଆସିଛି । ଭାରତର ଦ୍ୱିତୀୟ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣାନ କହିଥିଲେ ଯେ ପାଠାଗାର ହେଉଛି ଏକ ଅନୁଷ୍ଠାନର ହୃଦୟ । ସମସ୍ତ ଅନୁଷ୍ଠାନରେ ଏକ ପାଠାଗାରର ଉପସ୍ଥିତି ଅପରିହାର୍ଯ୍ୟ ଏବଂ ଯେତେବେଳେ ଏକ ଶିକ୍ଷଣୀୟ ଅନୁଷ୍ଠାନ କଥା କୁହାଯାଏ, ପାଠାଗାର ଶିକ୍ଷା ପ୍ରକ୍ରିୟାର ଏକ ଅପରିହାର୍ଯ୍ୟ ଉପକରଣ ଭାବରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ଛୋଟ ପିଲାର ବିଦ୍ୟାଳୟ ଜୀବନଠାରୁ ଆରମ୍ଭ କରି ଉଚ୍ଚଶିକ୍ଷା, ଗବେଷଣା ଏବଂ ବିଦ୍ୱାନ ପର୍ଯ୍ୟାୟ ପର୍ଯ୍ୟନ୍ତ, ତା'ଠାରୁ ଅଧିକ ଜୀବନ ବ୍ୟାପି ପାଠାଗାର ହିଁ ସଦା ସର୍ବଦା ତାର ଭୂମିକା ତୁଲାଇଥାଏ । ସେହିପରି ଭାରତର ୧୧ତମ ରାଷ୍ଟ୍ରପତି ଭାରତରତ୍ନ ଡକ୍ଟର ଏପିଜେ ଅବଦୁଲ କାଲାମ ମଧ୍ୟ କହିଥିଲେ ଯେ ଗୋଟିଏ ଶ୍ରେଷ୍ଠ ପୁସ୍ତକ ଶହେ ଭଲ ବନ୍ଧୁଙ୍କ ସହ ସମାନ । କିନ୍ତୁ ଜଣେ ଭଲ ବନ୍ଧୁ ଏକ ପାଠାଗାର ସହିତ ସମାନ । ପାଠାଗାର ଗୁଡିକର ବିକାଶ ହିଁ ଆଂଶିକ ଭାବେ ଏକ ଶିକ୍ଷା ବ୍ୟବସ୍ଥାର ବିକାଶ କହିଲେ ଅତ୍ୟୁକ୍ତି ହେବନାହିଁ । ଯେମିତି ଶିକ୍ଷା ପ୍ରତ୍ୟକ ନାଗରିକର ଏକ ଅଧିକାର ସେହିପରି ପାଠାଗାର ସମସ୍ତଙ୍କର ଅଧିକାର, କିନ୍ତୁ ରାଜ୍ୟ ସରକାର ଯେପରି ଭାବରେ ପାଠାଗାର ବା ଲାଇବ୍ରେରୀଗୁଡ଼ିକୁ ଅବହେଳିତ କରିଆସୁଛନ୍ତି ତାହା ପରିତାପର ବିଷୟ ।

୧. ସମଗ୍ର ଭାରତରେ ମୋଟ ୩୬ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରୁ ମାତ୍ର ୧୯ଟି ରାଜ୍ୟ ରେ ପବ୍ଲିକ ଲାଇବ୍ରେରୀ ଆକ୍ଟ ଲାଗୁ ହୋଇଛି, ଯେଉଁଥିରେ ଓଡିଶା ସାମିଲ ଅଛି ରାଜା ରାମମୋହନ ରାଏ ଲାଇବ୍ରେରୀ ଫାଉଣ୍ଡେସନର ଏକ ରିପୋର୍ଟ ଅନୁଯାୟୀ ଓଡିଶାରେ କେବଳ ୨୭ଟି ପବ୍ଲିକ ଲାଇବ୍ରେରୀ ବା ସାର୍ବଜନୀନ ପାଠାଗାର ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଛି । ଅନ୍ୟାନ୍ୟ ଗବେଷଣା ତଥା ବିଭିନ୍ନ ରିପୋର୍ଟ ଅନୁଯାୟୀ ଓଡିଶା ସରକାରଙ୍କ ବିଭିନ୍ନ ବିଭାଗ ଅଧୀନରେ ମୋଟ ୧୨୫ଟି ସାର୍ବଜନୀନ ପାଠାଗାର ଥିବା ବେଳେ ଓଡିଶାର ବିଭିନ୍ନ ଯୁବକସଂଘ, ସହାୟକ ଅନୁଷ୍ଠାନ ଏବଂ ଆଗ୍ରହୀ ବ୍ୟକ୍ତିବିଶେଷମାନଙ୍କ ଦ୍ୱାରା ୩୨୩ ଟି ପାଠାଗାର ସର୍ବସାଧାରଣଙ୍କ ନିମନ୍ତେ ଉତ୍ସର୍ଗୀକୃତ ଏବଂ କାର୍ଯ୍ୟରତ । ଦେଖିବାକୁ ଗଲେ ଓଡ଼ିଶାରେ ମୋଟ ୪୪୮ ଟି ପବ୍ଲିକ ଲାଇବ୍ରେରୀ ମଧ୍ୟରୁ ସରକାରଙ୍କ ଅନୁଦାନରେ ମାତ୍ର ୨୮ ପ୍ରତିଶତ ପାଠାଗାର ସଞ୍ଚାଳିତ । ଏଠାରେ ପ୍ରଶ୍ନ ଉଠେ, ଓଡିଶାରେ ସାର୍ବଜନୀନ ପାଠାଗାର ବ୍ୟବସ୍ଥା କାହିଁକି ଉନ୍ନତ ହୋଇପାରୁନାହିଁ ? ୧୯୮୮ ମସିହାରେ ଓଡ଼ିଶା ବିଧାନସଭାରେ ଉପସ୍ଥାପିତ ହୋଇଥିବା ଓଡ଼ିଶା ପବ୍ଲିକ ଲାଇବ୍ରେରୀ ଆକ୍ଟ-୨୦୦୧ ଦୀର୍ଘ ୧୪ ବର୍ଷ ପରେ ୨୦୦୨ ମସିହାରେ ଗୃହିତ ହୋଇଥିଲା, ଯାହାକି ହୋଇଥିଲା । ଏଥିରୁ ସରକାରଙ୍କ ଉଦାସୀନ ମନୋଭାବ ସହଜରେ ଅନୁମେୟ । ବର୍ଷ ୧୯୮୮ ରୁ ୨୦୦୨, ଦୀର୍ଘ ୧୪ ବର୍ଷର ସଂଘର୍ଷ ପରେ ପୁଣି ୧୪ ବର୍ଷ ଅତିକ୍ରମ କରିଗଲା, ୨୦୧୬ ମସିହାରେ ଓଡିଶା ପବ୍ଲିକ୍ ଲାଇବ୍ରେରୀ ଆକ୍ଟର ନିୟମାବଳୀକୁ ସରକାରଙ୍କ ଅନୁମୋଦନ ମିଳିବା ସହିତ ଓଡିଶା ରାଜପତ୍ରରେ ପ୍ରକାଶିତ ହେଲା । ସରକାରଙ୍କ ତା'ପର ପଦକ୍ଷେପ ପାଇଁ ଏପର୍ଯ୍ୟନ୍ତ ଏହା ତ' ମାତ୍ର ୬ ବର୍ଷ ଅତିକ୍ରମ କରିଛି ! ବୋଧହୁଏ ପୁଣିଥରେ ୧୪ ବର୍ଷ (ଆଉ ୮ ବର୍ଷ ଅଧିକ) ୨୦୩୦ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିବ କି ! ଏଠାରେ ସୂଚନା ଥାଉକି ଯେ, ୧୯୭୨ ମସିହାରେ ଲାଇବ୍ରେରୀ ବିଲ୍ ପ୍ରଥମ ଥର ପାଇଁ ବିଧାନସଭାରେ ଦାଖଲ ହୋଇଥିଲା, ଯାହାକି ଏହି ବର୍ଷ ୫୦ବର୍ଷ ପୂରଣ ହେବାକୁ ଯାଉଛି ।

୨. ଯଦିଓ ଓଡ଼ିଶା ପବ୍ଲିକ ଲାଇବ୍ରେରୀ ଆକ୍ଟ-୨୦୦୧ (ଓଡିଶା ଆକ୍ଟ ୨୦୦୨ ର ୩) ୨୦ବର୍ଷ ପୂର୍ବେ ରାଜ୍ୟ ରେ ଲାଗୁ ହୋଇଥିଲା, ବର୍ତ୍ତମାନ ପର୍ଯ୍ୟନ୍ତ ଓଡିଶାରେ ପବ୍ଲିକ ଲାଇବ୍ରେରୀ ବ୍ୟବସ୍ଥାରେ ଆଖି ଦୃଷ୍ଟିଆ ବିକାଶ ହୋଇନାହିଁ । ପବ୍ଲିକ ଲାଇବ୍ରେରୀ ଆକ୍ଟର ଆଭିମୁଖ୍ୟ ଅନୁଯାୟୀ ରାଜ୍ୟରେ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳମାନଙ୍କରେ ସରକାର ସମସ୍ତଙ୍କୁ ସାର୍ବଜନୀନ ପାଠାଗାର ସୁବିଧା ଦେବା ଉଚିତ । କିନ୍ତୁ ବିଡମ୍ବନାର ବିଷୟ ଏହିକି ଯେ, ଦୀର୍ଘ ୨୦ବର୍ଷ ପରେ ମଧ୍ୟ ସରକାର ଏଥି ପ୍ରତି ଧ୍ୟାନ ଦେଉନାହାନ୍ତି । ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ସହିତ ଅନେକ ସହରରେ ବିଗତ କିଛିବର୍ଷ ହେଲା ଦେୟଯୁକ୍ତ ବେସରକାରୀ ପାଠାଗାରମାନ ଖୋଲି ଆସୁଛି, ଯେଉଁଠାରେ କି ପାଠକ ପିଛା ମାସିକ ୧ହଜାରରୁ ଆରମ୍ଭ କରି ୩ହଜାର ଟଙ୍କା ପର୍ଯ୍ୟନ୍ତ ଦେୟ ଦେଇ ଯୁବ ଶ୍ରେଣୀର ଛାତ୍ର ଛାତ୍ରୀମାନେ ପାଠାଗାରର ବ୍ୟବହାର କରୁଛନ୍ତି । ସୂଚନା ଅନୁଯାୟୀ, ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାର ପ୍ରସ୍ତୁତି ନିମନ୍ତେ ଶହ ଶହ ଯୁବକ ଯୁବତୀ ମାନେ ଭୁବନେଶ୍ୱର, କଟକ, ସମ୍ବଲପୁର, ବ୍ରହ୍ମପୁର ଏବଂ ରାଉରକେଲା ଭଳି ରାଜ୍ୟର ପ୍ରମୁଖ ସହରକୁ କେବଳ ପାଠ ପଢ଼ିବା ପାଇଁ ଆସିଥାନ୍ତି । ଅଧ୍ୟୟନ ପାଇଁ ଭଲ ପରିବେଶ ଏବଂ ଜାଗା ଟିକେ ମିଳୁନଥିବାରୁ ସେମାନେ ମଧ୍ୟରୁ କିଛି ଜଣ ଏମିତି ଦେୟଯୁକ୍ତ ପାଠାଗାରକୁ ବାଛିନେଉଛନ୍ତି, କିନ୍ତୁ ଆର୍ଥିକ ସ୍ଥିତି କମ ଥିବା ପିଲାମାନେ ନିରାଶ ହୋଇ ପାଠାଗାରର ସୁବିଧା ପାଇ ପାରୁନାହାନ୍ତି । ରାଜ୍ୟର ପ୍ରମୁଖ ସର୍ବସାଧାରଣ ପାଠାଗାରମାନଙ୍କ ମଧ୍ୟରେ ଡଃ. ହରେକୃଷ୍ଣ ମହତାବ ରାଜ୍ୟ ପାଠାଗାର ରାଜଧାନୀ ଭୁବନେଶ୍ୱରରେ ଅବସ୍ଥିତ, ଯାହାକି ସହରର ଏକମାତ୍ର ସରକାରୀ ସର୍ବସାଧାରଣ ପାଠାଗାର ବା ପବ୍ଲିକ ଲାଇବ୍ରେରୀ ଅଟେ । ଏହି ପାଠାଗାରରେ ସୀମିତ ସଂଖ୍ୟକ ସଦସ୍ୟତା ଯୋଗୁଁ, ଏଠାରେ ପଢିବାପାଇଁ ଇଚ୍ଛୁକ ସମସ୍ତ ଯୁବକ ଯୁବତୀମାନଙ୍କୁ ଆବଶ୍ୟକତା ଅନୁଯାୟୀ ସଦସ୍ୟତା ମିଳୁନାହିଁ ଏବଂ ସେମାନେ ପାଠାଗାର ଉପଯୋଗ କରିବାର ସୁବିଧାରୁ ବଞ୍ଚିତ ହୋଇ ନିରାଶ ହେଉଛନ୍ତି । ଲାଇବ୍ରେରୀ ଆକ୍ଟ ଅନୁଯାୟୀ ସହରର ବିଭିନ୍ନ ସ୍ଥାନରେ ସିଟି ଲାଇବ୍ରେରୀ ମାନ ପ୍ରତିଷ୍ଠା କରାଗଲେ ଆଗାମୀ ଯୁବପିଢ଼ି ଏହି ଅସୁବିଧାର ସମ୍ମୁଖୀନ ହେବେନାହିଁ ।

କ୍ରମଶଃ...

ମୋ : ୯୦୧୫୮୧୨୩୪୪

# ମୋ ପାଠାଗାର, ମୋ ଅଧିକାର(୨)

## ଓଡିଶାରେ ପାଠାଗାର ଆନ୍ଦୋଳନର ଆବଶ୍ୟକତା

ଶ୍ରୀ ନିରଞ୍ଜନ ମହାପାତ୍ର

୩. ୨୦୧୮ ମସିହାରେ ଓଡିଶା ସରକାରଙ୍କ ପଞ୍ଚାୟତରାଜ ଏବଂ ପାନୀୟଜଳ ବିଭାଗ ଅଧୀନରେ ପଞ୍ଚାୟତ ଲାଇବ୍ରେରୀ ଏବଂ ଇନଫୋଟେଣ୍ଟେମେଣ୍ଟ ସେଣ୍ଟର (ପଞ୍ଚାୟତ ପାଠାଗାର ଏବଂ ଚିତ୍ତବିନୋଦନ କେନ୍ଦ୍ର)ର ସ୍ଥାପନ କରିବାପାଇଁ ବ୍ୟବସ୍ଥା କରାଯାଇଥିଲା, କିନ୍ତୁ ଆଜି ପର୍ଯ୍ୟନ୍ତ କୌଣସି ଲାଇବ୍ରେରୀ କାର୍ଯ୍ୟକାରୀ ହୋଇନାହିଁ । ଏହି ପଞ୍ଚାୟତ ଲାଇବ୍ରେରୀର ନିୟମାବଳୀରେ ଲାଇବ୍ରେରୀର ଭିତିଭୂମି, ଦୈନନ୍ଦିନ କାର୍ଯ୍ୟକ୍ରମ, ଏବଂ ଲାଇବ୍ରେରୀର ପରିଚାଳନା ବିଷୟରେ ଉଲେଖ କରାଯାଇଛି, କିନ୍ତୁ ବିଡମ୍ବନା ଏହିକି ଯେ, ଏହି ଲାଇବ୍ରେରୀ ଗୁଡ଼ିକୁ ପରିଚାଳନା କରିବାପାଇଁ କୌଣସି ବୃତ୍ତିଗତ (ପ୍ରଫେସନାଲ) ଲାଇବ୍ରେରିଆନର ଆବଶ୍ୟକତା ବିଷୟରେ ଉଲେଖ କରାଯାଇନାହିଁ । ବିନା ପରିଚାଳକରେ କିପରି ଚାଲିବ ଏବଂ କିପରି ବିକଶିତ ହେବ ଏହି ପଞ୍ଚାୟତ ଲାଇବ୍ରେରୀ ଗୁଡିକ ଏହା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି । ୨୦୧୧ ଜନଗଣନା ଅନୁସାରେ ଓଡ଼ିଶାରେ ୬୭୯୯ ଗ୍ରାମ ପଞ୍ଚାୟତ ସ୍ତରର ପାଠାଗାରମାନଙ୍କରେ ଜଣେ ଲେଖାଏଁ ପ୍ରଫେସନାଲ ଲାଇବ୍ରେରିଆନ କାର୍ଯ୍ୟ କରିବା ପାଇଁ କୌଣସି ବ୍ୟବସ୍ଥା କରାଗଲେ ପାଠାଗାରଗୁଡ଼ିକ ପାଠକମାନଙ୍କ ପାଇଁ ଉପଯୁକ୍ତ ସମୟରେ ଉପଯୁକ୍ତ ସୂଚନା ଏବଂ ଉପଯୁକ୍ତ କାର୍ଯ୍ୟକ୍ରମର ବ୍ୟବସ୍ଥା କରିପାରିବା ସହିତ ପାଠାଗାର ପ୍ରତି ପାଠକଙ୍କ ଆଗ୍ରହ ବଢିବ । ଏହାଦ୍ୱାରା ମଧ୍ୟ ପାଠାଗାର ଏବଂ ସୂଚନା ବିଜ୍ଞାନ ବିଷୟରେ ପାଠ ପଢୁଥିବା ଏବଂ ପଢ଼ିସାରି ବେକାର ହୋଇ ବସିଥିବା ଓଡିଶାର ହଜାର ହଜାର ଛାତ୍ର ଛାତ୍ରୀ ମାନେ ନିଯୁକ୍ତିର ସୁବିଧା ପାଇପାରିବେ ।

୪. ଓଡିଶା ଆଦର୍ଶ ବିଦ୍ୟାଳୟ (ଓଏଭିଏସ) ହେଉଛି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଏକ ମାନସ ପ୍ରକଳ୍ପ ଯାହାକି ଗ୍ରାମାଞ୍ଚଳରେ ୩୧୪ ଟି ବ୍ଲକରେ । ୩୧୪ ଟି ଆଦର୍ଶ ବିଦ୍ୟାଳୟ ଏବଂ ଭୁବନେଶ୍ୱରର ଗୋଟିଏ ଆଇକନିକ ଆଦର୍ଶ ବିଦ୍ୟାଳୟ ମାଧ୍ୟମରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରୁଛି । ଆଦର୍ଶ ବିଦ୍ୟାଳୟ ଗୁଡିକ ସିବିଏସସି ସହିତ ଜଡିତ ହୋଇ ତାହାର ପାଠ୍ୟକ୍ରମକୁ ଅନୁସରଣ କରିଆସୁଛି । ୨୦୧୫ ମସିହା ଠାରୁ ଆରମ୍ଭ ହୋଇ କାର୍ଯ୍ୟକ୍ଷମ ହୋଇଆସୁଥିବା ଏହି ବିଦ୍ୟାଳୟଗୁଡ଼ିକରେ ୬ବର୍ଷ ପରେ ମଧ୍ୟ କୌଣସି ପାଠାଗାରର ବିକାଶ କରାଯାଇନାହିଁ । ସିବିଏସସିର ନିୟମାବଳୀ ଅନୁଯାୟୀ ସିବିଏସସି ସହ ଜଡିତ ପ୍ରତ୍ୟକ ବିଦ୍ୟାଳୟରେ ପାଠାଗାର ରହିବା ଅତ୍ୟନ୍ତ ଆବଶ୍ୟକ । ଏହି ନିୟମାବଳୀରେ ବିଦ୍ୟାଳୟ ପାଠାଗାରର ଆକାର, ଭିତିଭୂମି, ଉପଯୁକ୍ତ ଉପକରଣ, ପୁସ୍ତକର ବିବରଣୀ ଏବଂ ପାଠାଗାରକୁ ଚଳାଇବା ପାଇଁ ଲାଇବ୍ରେରିଆନ ତଥା ସହାୟକ ଲାଇବ୍ରେରିଆନର ଯୋଗ୍ୟତା ବିଷୟରେ ଉଲେଖ ଅଛି । ଏହି ସବୁ ସତ୍ୱେ ଓଡିଶାରେ କାର୍ଯ୍ୟରତ ଆଦର୍ଶ ବିଦ୍ୟାଳୟମାନଙ୍କରେ ପାଠାଗାର ହୋଇନାହିଁ ଯଦି ବା କୌଣସି ବିଦ୍ୟାଳୟରେ ପାଠାଗାର ପ୍ରତିଷ୍ଠା ହୋଇଛି ସେଠି ଲାଇବ୍ରେରିଆନର ନିଯୁକ୍ତି ହୋଇନାହିଁ । ପ୍ରତ୍ୟକ ବର୍ଷ ଏହି ବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ନିଯୁକ୍ତି ହୋଇଆସୁଥିବା ବେଳେ, କେବେ ବି ଲାଇବ୍ରେରିଆନ ନିଯୁକ୍ତି ହୋଇନାହିଁ । ନିକଟରେ ଓଡିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ଏକ ବିଜ୍ଞପ୍ତିରେ ମୋଟ ୧୭୪୯ ଶିକ୍ଷକ ଏବଂ ଅଣଶିକ୍ଷକ ପଦ ପାଇଁ ବିଜ୍ଞାପନ ପ୍ରକାଶ ପାଇଥିଲା, ଯେଉଁଥିରେ ମାତ୍ର ଗୋଟିଏ ଲାଇବ୍ରେରିଆନ ପଦ ପାଇଁ ବ୍ୟବସ୍ଥା ଥିଲା । ଏହି ଖବର ସମଗ୍ର ପାଠାଗାର ପ୍ରେମୀ ଓ ପାଠାଗାର ବୃତିରେ ଥିବା ବ୍ୟକ୍ତି ବିଶେଷଙ୍କ ସହ ପାଠାଗାର ଏବଂ ସୂଚନା ବିଜ୍ଞାନର ଛାତ୍ର ଛାତ୍ରୀମାନଙ୍କୁ ନିରାଶ କରିଛି । ବିଡମ୍ବନାର ବିଷୟ ଏହିକି ଯେ, ଏହି ଗୋଟିଏ ପଦବୀ ଭୁବନେଶ୍ୱର ସ୍ଥିତ ଆଇକନିକ ଆଦର୍ଶ ବିଦ୍ୟାଳୟ ନିମିତ୍ତ ସୃଷ୍ଟି କରାଯାଇଛି, ଯାହାର ନିଜସ୍ୱ ଭିତିଭୂମି ବର୍ତ୍ତମାନ ମଧ୍ୟ ପ୍ରସ୍ତୁତ ହୋଇନାହିଁ । ଏଥିରୁ ସରକାରଙ୍କ ଆଦର୍ଶ ଶବ୍ଦର ମାପକାଠିରେ ଆଦର୍ଶ ବିଦ୍ୟାଳୟଗୁଡିକ ପ୍ରତି କରାଯାଉଥିବା ଅବହେଳା ଗୁଡିକ ସ୍ପଷ୍ଟ ପରିଲକ୍ଷିତ ହେଉଛି ।

୫. ସାମ୍ପ୍ରତିକ ପରିସ୍ଥିତିରେ, ଓଡିଶା ସରକାର ମୋ' ସ୍କୁଲ ଏବଂ ୫ଟି ଅଧୀନରେ ବିଭିନ୍ନ ସରକାରୀ ଉଚ୍ଚ ବିଦ୍ୟାଳୟ ଗୁଡିକରେ ଲାଇବ୍ରେରୀ ଏବଂ ଇ-ଲାଇବ୍ରେରୀ ପ୍ରତିଷ୍ଠା କରିଛନ୍ତି, କିନ୍ତୁ ସରକାର ସେହି ବ୍ୟକ୍ତିମାନଙ୍କ ବିଷୟରେ କଦାପି ଚିନ୍ତା କରିନାହାନ୍ତି ଯିଏ ଏହି ଲାଇବ୍ରେରୀ ଗୁଡିକ ପରିଚାଳନା କରିବେ ଯଦି ଅଣ-ବୃତ୍ତିଗତ ବ୍ୟକ୍ତିମାନେ ଲାଇବ୍ରେରୀ ଗୁଡିକ ପରିଚାଳନା କରିବେ, ତେବେ ବୃତ୍ତିଗତ ବ୍ୟକ୍ତି ବା ପ୍ରଫେସନାଲ ମାନେ କରିବେ କ'ଣ ? ଉପଯୁକ୍ତ ଲୋକ ହାତରେ ଉପଯୁକ୍ତ କାର୍ଯ୍ୟ ଭଲଭାବରେ ସାଧନା କରିହୁଏ ଏହା ସାଧାରଣତଃ ସମସ୍ତେ ଜାଣନ୍ତି । ଯେମିତି ଜଣେ ରାଜମିସ୍ତୀର କାମ କେବେ ଜଣେ କାଠ ମିସ୍ତୀ ବା ବଢେଇ କରିପାରିବ ନାହିଁ, ଯଦିବା କରିବ ସେ ଘର ଅଳ୍ପ ଦିନରେ ଭାଙ୍ଗି ଯିବାର ଆଶଙ୍କା ଥାଏ; ସେମିତି ଜଣେ ଲାଇବ୍ରେରିଆନର କାମ କେମିତି ଜଣେ ଅଣ-ଲାଇବ୍ରେରିଆନ କରିପାରିବ ? ଯଦିବା କରିବ ଉପଯୁକ୍ତ କାର୍ଯ୍ୟ ଶୈଳୀରେ କଦାପି କରିପାରିବ ନାହିଁ ଯାହା ଦ୍ୱାରା ପାଠକଙ୍କର ଲାଇବ୍ରେରୀ ପ୍ରତି ଆଗ୍ରହ କମିଯିବାର ସମ୍ଭାବନା ରହିଛି । ଏହା ସହିତ ଏମିତି କିଛି ଭୁଲ ଭଟକା ଲାଇବ୍ରେରିର ଭିତିଭୂମିରେ ହେବାର ସମ୍ଭାବନା ଅଛି, ଯାହାକୁ ଭବିଷ୍ୟତରେ ସୁଧାରିବା ପାଇଁ ଚେଷ୍ଟା କଲେ ବି କଷ୍ଟକର ହୋଇପଡିବ । ସରକାରୀ ବିଦ୍ୟାଳୟମାନଙ୍କରେ ପାଠାଗାର ସ୍ଥାପନା ସ୍ୱାଗତଯୋଗ୍ୟ, କିନ୍ତୁ ଏହା ରାଜ୍ୟର ସମସ୍ତ ବିଦ୍ୟାଳୟମାନଙ୍କରେ ସ୍ଥାପିତ ହେବା ଅତ୍ୟନ୍ତ ଆବଶ୍ୟକ, କାରଣ ଶିକ୍ଷା ର ମୂଳଦୁଆ ପାଠାଗାରରୁ ହିଁ ହୋଇଥାଏ ।

ଏହା ଅତ୍ୟଧିକ ବିଳମ୍ବ ହେବା ପୂର୍ବରୁ ଏକ ପାଠାଗାର ଆନ୍ଦୋଳନ ଆରମ୍ଭ ହେବା ଉଚିତ, ନଚେତ ଭବିଷ୍ୟତରେ ଆମର ଆଗାମୀ ପିଢ଼ିର ଛାତ୍ର ଛାତ୍ରୀ ଏବଂ ଯୁବ ସମାଜ ଏହି ଅସୁବିଧାରୁ ମୁକ୍ତି ପାଇବାରିବେ ନାହିଁ । ବର୍ତ୍ତମାନ ଓଡିଶାରେ ପାଠାଗାର ଆନ୍ଦୋଳନକୁ ତ୍ୱରାନ୍ୱିତ କରିବାର ସମୟ ଅସିଯାଇଛି, ଏହି ପରିପ୍ରେକ୍ଷୀରେ ସ୍କୁଲ ଯାଉଥିବା ପ୍ରତ୍ୟକ ପିଲାମାନଙ୍କ ଅଭିଭାବକମାନଙ୍କୁ ଅନୁରୋଧ ଥରଟିଏ ଚିନ୍ତା କରନ୍ତୁ ସେମାନଙ୍କ ପିଲା ମାନେ ପଢୁଥିବା ବିଦ୍ୟାଳୟ ମାନଙ୍କରେ ଭଲ ପାଠାଗାରଟିଏ ହେଲେ ଶିକ୍ଷାର ଗୁଣବତ୍ତା କେତେ ବଳବତ୍ତର ହେବ ! ପ୍ରତ୍ୟକ ବିଦ୍ୟାଳୟର ଶିକ୍ଷକମାନଙ୍କୁ ଅନୁରୋଧ ସେମାନେ ନିଜ ବିଦ୍ୟାଳୟ ମାନଙ୍କରେ ଏକ ଲାଇବ୍ରେରୀ ବା ପାଠାଗାର ସ୍ଥାପନ କରିବା ନେଇ ଜିଲ୍ଲା ଶିକ୍ଷା ଅଧିକାରୀ କିମ୍ବା ବ୍ଲକ ଶିକ୍ଷା ଅଧିକାରୀଙ୍କ ନିକଟରେ ପ୍ରସ୍ତାବ ରଖନ୍ତୁ । ଏହା ସହିତ ଲାଇବ୍ରେରୀ ଗୁଡିକର ସୁଚାରୁରୂପେ ପରିଚାଳନା ପାଇଁ ଜଣେ ଲେଖାଏଁ ପ୍ରଫେସନାଲ ଲାଇବ୍ରେରିଆନର ନିଯୁକ୍ତି ପାଇଁ ଦାବି କରନ୍ତୁ । କାହିଁକି ନା' ବର୍ତ୍ତମାନର ବିଦ୍ୟାର୍ଥୀ ହିଁ ଆଗାମୀ ଦିନର ଭବିଷ୍ୟତ ଆପଣମାନଙ୍କ ହାତରେ । ସମସ୍ତେ ମନେ ରଖିବା ଉଚିତ, ପାଠାଗାର ପ୍ରତ୍ୟକ ନାଗରିକର ଅଧିକାର ଏକ ଉତ୍ତମ ରାଷ୍ଟ୍ର ପ୍ରତିଷ୍ଠା ପାଇଁ ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏକ ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ପାଠାଗାରର ଭୂମିକା ଅତୁଳନୀୟ । ପାଠାଗାରର ସୁବିଧା ସୁଯୋଗ ପାଇବା ଜନସାଧାରଣଙ୍କ ଅଧିକାର । ଏକ ଉନ୍ନତ ମାନର ପାଠାଗାର ସ୍ଥାପନ କରିବା ସରକାରଙ୍କ କର୍ତ୍ତବ୍ୟ ଏବଂ ଦାୟିତ୍ୱ । ପାଠାଗାରର ଆଦର୍ଶ, ଉନ୍ନତି ଏବଂ ବ୍ୟବସ୍ଥାକୁ ବଜାଇ ରଖି ପରିଚାଳନା କରିବା ଜଣେ ପ୍ରଫେସନାଲ୍ ଲାଇବ୍ରେରୀଆନର ଦକ୍ଷତା । ବର୍ତ୍ତମାନ ଏକ ଉତ୍ତମ ରାଷ୍ଟ୍ର ପ୍ରତିଷ୍ଠା କରିବା ଦିଗରେ ପ୍ରଫେସନାଲ୍ ଲାଇବ୍ରେରୀଆନ୍ ମାନଙ୍କ ଆବଶ୍ୟତା କ'ଣ ଆପଣ ମାନେ ବୁଝି ପାରୁଥିବେ । ଆସନ୍ତୁ ସଭିଏଁ ମିଶି ଏହି ପାଠାଗାର ଆନ୍ଦୋଳନରେ ନିଜକୁ ସାମିଲ କରିବା ସହିତ ସମସ୍ତେ ସ୍ୱର ଉତ୍ତୋଳନ କରିବା ଏବଂ କହିବା ମୋ ପାଠାଗାର, ମୋ ଅଧିକାର ଏବଂ ପାଠକ ମାନଙ୍କ ପାଇଁ ଦେୟଯୁକ୍ତ ନୁହେଁ, ଦେୟମୁକ୍ତ ପାଠାଗାର ଦରକାର ।

କ୍ରମଶଃ...

ମୋ : ୯୦୧୫୮୧୨୩୪୪